# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 June - 2024

### News Editor : Tapan Kumar Maharana

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ୧୪୭ଟି ବିଧାନସଭା ଏବଂ ୨୧ଟି ଲୋକସଭା ଆସନ ପାଇଁ ଆସନ୍ତାକାଲି ହେବ ଭୋଟ୍ ଗଣତି

- ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା ଓଜେଇଇ ପରୀକ୍ଷାଫଳ ପ୍ରକାଶିତ

– ୫୬ ହଜାର ପରୀକ୍ଷାର୍ଥୀଙ୍କୁ ମିଳିଲା ରାଙ୍କ କାର୍ଡ

- ରାଜ୍ୟରେ ଆଜିଠାରୁ ଆରମ୍ଭ ହେଲା ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା

ଏବଂ

- ରାଜ୍ୟରେ ଆହୁରି ୪୮ ଘଣ୍ଟା ଜାରି ରହିବ ଗ୍ରୀଷ୍ମପ୍ରବାହ; ସୂଚନା ଦେଲା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ  ବିଜ୍ଞାନ କେନ୍ଦ୍ର

*N.pur/Rayagada/Ganjam/Desk*

# ଭୋଟ୍ ଗଣତି

ରାଜ୍ୟର ୧୪୭ଟି ବିଧାନସଭା ଏବଂ ୨୧ଟି ଲୋକସଭା ଆସନ ପାଇଁ ଆସନ୍ତାକାଲି ଭୋଟ୍ ଗଣତି ହେବ । ଏଥିପାଇଁ ପୃଥକ୍ ଭାବେ ୧୬୮ଟି କେନ୍ଦ୍ରରେ ଭୋଟ୍ ଗଣତି କରାଯିବ । ରାଜ୍ୟରେ ୪ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ଶେଷ ହେବା ପରେ ବିଭିନ୍ନ ସ୍ଥାନରେ ଥିବା ଅଣସ୍ତରୀଟି ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି । ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ ବ୍ୟାଲେଟ୍ ଗଣନା ହେବା ପରେ ୮ଟା ୩୦ ମିନିଟ୍‌ରୁ ଇଭିଏମ୍ ଭୋଟ ଗଣନା ହେବ। ଲୋକସଭା ଏବଂ ବିଧାନସଭା ଆସନ ଭୋଟ୍ ଗଣତି ପାଇଁ ଅଲଗା ଅଲଗା ଟେବୁଲ ବ୍ୟବସ୍ଥା କରାଯାଇଛି ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ଭୋଟ୍ ଗଣତି କେନ୍ଦ୍ରଗୁଡ଼ିକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହା ସହ କେନ୍ଦ୍ର ଭିତରେ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳ, କେନ୍ଦ୍ର ବାହାରେ ରାଜ୍ୟ ସଶସ୍ତ୍ର ପୋଲିସ୍ ବଳ ଏବଂ ବ୍ୟାରିକେଡ୍ ବାହାରେ ରାଜ୍ୟ ପୋଲିସ୍ ବାହିନୀ ମୁତୟନ ରହିବେ । ନିର୍ବାଚନ ପରବର୍ତ୍ତୀ ହିଂସା ଓ ଗଣତି କେନ୍ଦ୍ର ସୁରକ୍ଷା ପାଇଁ ଆସନ୍ତା ୬

ତାରିଖ ପର୍ଯ୍ୟନ୍ତ ୭୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ରହିବେ । ରାଜଧାନୀ ଭୁବନେଶ୍ୱର ସମେତ କେତେକ ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ୧୭ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ କରାଯାଇଛି ।

ଗଞ୍ଜାମ ଜିଲ୍ଲାରେ ଆସନ୍ତାକାଲି ୫ଟି ସ୍ଥାନରେ ଭୋଟ୍‌ଗଣତି ହେବ। ଭଞ୍ଜନଗର କଲେଜରେ ତିନୋଟି ବ୍ରହ୍ମପୁର ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲରେ ଗୋଟିଏ, ବ୍ରହ୍ମପୁର ସରକାରୀ ପଲିଟେକନିକ୍‌ରେ ୪ଟି, ଛତ୍ରପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ଟି ବିଧାନସଭା ଆସନ ପାଇଁ ଭୋଟ୍‌ଗଣତି ହେବ।

ରାୟଗଡ଼ା ଜିଲ୍ଲାର ତିନୋଟି ବିଧାନସଭା ଆସନ ଏବଂ କୋରାପୁଟ ଲୋକସଭା ଆସନ ନିମନ୍ତେ ରାୟଗଡ଼ା ଏବଂ ଗୁଣୁପୁର ଠାରେ ଭୋଟ୍‌ଗଣତି କରାଯିବ। ରାୟଗଡ଼ା ନିର୍ବାଚନ ମଣ୍ଡଳୀର ୩୦୧ଟି ବୁଥ୍ ନିମନ୍ତେ ୧୨ଟି ଟେବୁଲ, ବିଷମ କଟକର ୨୯୩ଟି ବୁଥ୍ ପାଇଁ ୧୦ଟି ଏବଂ ଗୁଣୁପୁରର ୨୯୦ଟି ବୁଥ୍ ପାଇଁ ୧୪ଟି ଟେବୁଲର ଗଣତି ବ୍ୟବସ୍ଥା କରାଯାଇଛି।

ଢେଙ୍କାନାଳ ଜିଲ୍ଲାରେ ଭୋଟ୍‌ଗଣତି ପାଇଁ ପ୍ରତ୍ୟେକ ଗଣତି କେନ୍ଦ୍ରରେ ୪ ପ୍ଲାଟୁନ୍ ଲେଖାଏଁ ସୁରକ୍ଷାବଳ ମୁତୟନ କରାଯାଇଛି। ଆମ ସମ୍ବାଦଦାତା ଜଣାଇଛନ୍ତି, ଢେଙ୍କାନାଳର ୪ଟି ଗଣନା କେନ୍ଦ୍ର ମହିଁଷାପଟ ଇଭିଏମ

କେନ୍ଦ୍ର, ହିନ୍ଦୋଳ, ପରଜଙ୍ଗ ଏବଂ କାମାକ୍ଷାନଗର ଠାରେ ଭୋଟ୍‌ଗଣତି ହେବ ।

ନବରଙ୍ଗପୁରରେ ଭୋଟ୍‌ଗଣତି ନେଇ ଗଣନା ପର୍ଯ୍ୟବେକ୍ଷକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ, ଉମରକୋଟ, ଡାବୁଗାଁ, ଝରିଗାଁର ଗଣନା ପର୍ଯ୍ୟବେକ୍ଷକମାନେ  ଯୋଗ ଦେଇଥିଲେ ।

# ସିଇସି ବ୍ରିଫିଙ୍ଗ

ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି ଲୋକସଭା ନିର୍ବାଚନରେ ୬୪୨ ନିୟୁତ ଭୋଟର ଅଂଶଗ୍ରହଣ କରିବା ଏକ ବିଶ୍ୱରେକର୍ଡ । ନୂଆଦିଲ୍ଲୀଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଶ୍ରୀ କୁମାର କହିଛନ୍ତି ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଓ କାନାଡ଼ା ଭଳି ସମସ୍ତ ଜି-୭ ଦେଶର ଭୋଟରଙ୍କ ସଂଖ୍ୟା ତୁଳନାରେ ଏହା ଦେଢ଼ଗୁଣ । ଚଳିତ ଲୋକସଭା ନିର୍ବାଚନରେ ୩୧୨ ନିୟୁତ ମହିଳା ଭୋଟର ଅଂଶଗ୍ରହଣ କରିବା ମଧ୍ୟ ବିଶ୍ୱରେ ସର୍ବାଧିକ ବୋଲି ସେ କହିଛନ୍ତି । ୨୦୧୯ ସାଧାରଣ ନିର୍ବାଚନରେ ୫୪୦ଟି ବୁଥ୍‌ରେ ପୁନଃ ମତଦାନ ହୋଇଥିବାବେଳେ ଚଳିତଥର ମାତ୍ର ଅଣଚାଳିଶଟି ବୁଥ୍‌ରେ ପୁନଃ ମତଦାନ ହେବା ଅନ୍ୟଏକ ସଫଳତା ବୋଲି ସେ ବର୍ଣ୍ଣନା କରିଛନ୍ତି ।

**Desk**

# ଚତୁର୍ଥ ପର୍ଯ୍ୟାୟ ଭୋଟ୍ ହାର

ରାଜ୍ୟରେ ଶେଷ ପର୍ଯ୍ୟାୟ ନିର୍ବାଚନରେ ୭୪ ଦଶମିକ ୪/୧ ପ୍ରତିଶତ ମତଦାନ ହୋଇଛି । ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁଯାୟୀ ବାଲେଶ୍ୱର ଲୋକସଭା ଆସନରେ ସର୍ବାଧିକ ୭୬ ଦଶମିକ ୭/୭ ପ୍ରତିଶତ ମତଦାନ ହୋଇଛି। ଦେଶରେ ସର୍ବାଧିକ ମତଦାନ ହାର ତାଲିକାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ବିଧାନସଭା ଆସନ ଗୁଡ଼ିକ ମଧ୍ୟରେ ସୁକିନ୍ଦାରେ ସର୍ବାଧିକ ୮୦ ଦଶମକ ୬/୬ ପ୍ରତିଶତ ମତଦାନ ହାର ରେକର୍ଡ କରାଯାଇଛି।

**Desk**

# ଦେଶ : ଭୋଟ ହାର

ସେହିଭଳି ଦେଶରେ ୭ଟି ପର୍ଯ୍ୟାୟରେ ହୋଇଥିବା ଲୋକସଭା ନିର୍ବାଚନରେ ୬୫ ଦଶମିକ ୧/୪ ପ୍ରତିଶତ ମତଦାନ ହୋଇଛି । ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳର ୫୪୨ଟି ଆସନ ପାଇଁ ଏପ୍ରିଲ୍ ୧୯ ତାରିଖରୁ ୪୬ ଦିନ ଧରି ନିର୍ବାଚନ ପ୍ରକ୍ରିୟା ଜାରି ରହିଥିଲା ।

ପ୍ରଥମ ପର୍ଯ୍ୟାୟରେ ୬୬ ଦଶମିକ ୧/୪ ପ୍ରତିଶତ ମତଦାନ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬୬ ଦଶମିକ ୭/୧, ତୃତୀୟ ପର୍ଯ୍ୟାୟରେ ୬୫ ଦଶମିକ ୬/୮, ଚତୁର୍ଥ ପର୍ଯ୍ୟାୟରେ ଅଣସ୍ତୁରୀ ଦଶମିକ ୫/୮, ଷଷ୍ଠ ପର୍ଯ୍ୟାୟରେ ୬୩ ଦଶମିକ ୩/୭ ଓ ସପ୍ତମ ପର୍ଯ୍ୟାୟରେ

୬୨ ଦଶମିକ ୩/୬ ପ୍ରତିଶତ ମତଦାନ ହୋଇଥିଲା । ଏହି ନିର୍ବାଚନରେ ୭ଟି ରାଜ୍ୟରେ ଭୋଟ୍ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି ।

***Desk***

## ଓଜେଇଇ ପରୀକ୍ଷା ଫଳ ପ୍ରକାଶ

ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା - ଓ.ଜେ.ଇ.ଇ. ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବି. ଫାର୍ମାରେ ସାଗରିକା ଦାଶ, ଏମ୍.ବି.ଏ. ରେ ସୂର୍ଯ୍ୟକାନ୍ତ ପୃଷ୍ଟି ଓ ଏମ୍. ଫାର୍ମାରେ ପଦ୍ମାଳୟ ମିଶ୍ର ଟପ୍ପର ହୋଇଥିବା ଜଣାପଡ଼ିଛି। ଏଥିଲାଗି ଗତମାସ ମେ’ ୬ ତାରିଖରୁ ୧୦ ତାରିଖ ଯାଏଁ ପରୀକ୍ଷା କରାଯାଇଥିଲା। ମୋଟ୍ ୫୬ ହଜାର ୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୬ ହଜାର ପରୀକ୍ଷାର୍ଥୀଙ୍କୁ ରାଙ୍କ କାର୍ଡ ମିଳିଥିବା ସୂଚନା ମିଳିଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ପରୀକ୍ଷାଫଳ **ojee.nic.in** ଓ **odishajee.com** ୱେବସାଇଟ୍‌ରେ ଦେଖିପାରିବେ।

***Desk***

## +୩ ନାମଲେଖା ଆବେଦନ

ରାଜ୍ୟରେ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଯୁକ୍ତ ୩ରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଶିକ୍ଷାବର୍ଷରେ ୧ ହଜାର ୩୭ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ୨ ଲକ୍ଷ ୭୨ ହଜାର ୭୦୩ଟି ଆସନରେ ନାମଲେଖା ଯିବ। ଛାତ୍ରଛାତ୍ରୀ ସାମ୍ସ ପୋର୍ଟାଲ୍‌ରେ

ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ୧୮ ଓ ୧୯ ତାରିଖରେ ଫର୍ମ ସଂଶୋଧନ ହେବା ସହ ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟ ଚୟନ ତାଲିକା ପ୍ରକାଶ ପାଇବ । ଚଳିତ ବର୍ଷ ଦୁଇଟି ପର୍ଯ୍ୟାୟରେ ନାମଲେଖା ହେବ । ଅନ୍ୟପକ୍ଷରେ ଚଳିତ ବର୍ଷ ୧୦ଟି ଶିକ୍ଷାନୁଷ୍ଠାନରେ ନାମଲେଖା ବନ୍ଦ ରହିଥିବା ଜଣାପଡ଼ିଛି । କେତେକ ଶିକ୍ଷାନୁଷ୍ଠାନରେ ଆସନ ସଂଖ୍ୟା ବୃଦ୍ଧି କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି ।

***Desk***

## ପଣ୍ୟ କାରବାର ବୃଦ୍ଧି

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଏପ୍ରିଲରୁ ଜୁନ୍ ମଧ୍ୟରେ ପାରାଦ୍ୱୀପ ବନ୍ଦର ପଣ୍ୟ କାରବରରେ ୫ ଦଶମିକ ୫/୧ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି । ଏହି ସମୟ ମଧ୍ୟରେ ୨୫ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର ହୋଇଥିବା ବନ୍ଦର ପ୍ରଶାସନ ସୂଚନା ଦେଇଛି । ଦେଶର ବୃହତ ବନ୍ଦର ଗୁଡ଼ିକ ମଧ୍ୟରେ ପାରାଦ୍ୱୀପ ବନ୍ଦରକୁ ଏହି ସଫଳତା ମିଳିଛି । ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଏହି ସଫଳତା ପାଇଁ ବ୍ୟବହାରକାରୀ ସଂସ୍ଥା, କର୍ମଚାରୀ ଓ ଶ୍ରମିକମାନଙ୍କୁ ଶ୍ରେୟ ଦେଇଛନ୍ତି ।

***Desk***

## ଜିଏସ୍‌ଟି ସଂଗ୍ରହ

ରାଜ୍ୟରେ ଗତ ମେ' ମାସରେ ୧୪ ପ୍ରତିଶତ ଅଧିକ ସାମଗ୍ରୀ ଓ ସେବାକର– ଜିଏସ୍‌ଟି ସଂଗ୍ରହ ହୋଇଛି । ଗତବର୍ଷ ଏହି ମାସ ତୁଳନାରେ

ଏହା ୧୪ ପ୍ରତିଶତ ଅଧିକ। ୨୦୨୩ ମେ’ ମାସରେ ଜିଏସ୍‌ଟି ସଂଗ୍ରହ ପରିମାଣ ୪ ହଜାର ୩୯୮ କୋଟି ଥିଲା। ଚଳିତ ବର୍ଷ ମେ’ ମାସରେ ୫ ହଜାର ୨୭ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଛି। ତେବେ ଚଳିତ ବର୍ଷ ଏପ୍ରିଲ ମାସ ତୁଳନାରେ ଏହା ୮୭୫ କୋଟି ଟଙ୍କା କମ୍ ସଂଗ୍ରହ ହୋଇଥିବା ଜଣାପଡ଼ିଛି। ଗତ ଏପ୍ରିଲ ମାସରେ ରାଜ୍ୟରେ ଜିଏସ୍‌ଟି ସଂଗ୍ରହ ପରିମାଣ ୫ ହଜାର ୯୦୨ କୋଟି ଟଙ୍କା ଥିଲା।

***Desk***

# ବିଶ୍ୱ ସାଇକେଲ ଦିବସ

ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ଏବଂ ପରିବେଶ ସଂରକ୍ଷଣ ନିମନ୍ତେ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସାଇକେଲ ଦିବସ ପାଳିତ ହେଉଛି । ସୁସ୍ଥ ଜୀବନଶୈଳୀ ଏବଂ ପ୍ରଦୂଷଣମୁକ୍ତ ପରିବେଶ ବିକାଶରେ ସାଇକେଲ ଚାଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତିସଂଘ ସାଧାରଣ ସଭାରେ ୨୦୧୮ ମସିହାରୁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ରୂପେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ସାଇକେଲ ଚାଳନା ମାଧ୍ୟମରେ ସ୍ୱାସ୍ଥ୍ୟ, ସମାନତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ।** ସାଇକେଲ ଗମନାଗମନ ଓ ପରିବହନ କ୍ଷେତ୍ରରେ ସବୁଠାରୁ ପୁରୁଣା ଓ ଜରୁରୀ ମାଧ୍ୟମ ଭାବରେ ପରିଗଣିତ ହୋଇଆସୁଛି । ସମୟ ବଦଳିବା ସହ ଲୋକମାନଙ୍କର ଗମନାଗମନର ଧାରା ମଧ୍ୟ ବଦଳିଛି। ସମୟ ଥିଲା ଯେତେବେଳେ ଶୂନ ଗାଡ଼ି ନାମରେ ପରିଚିତ

ସାଇକେଲ ସମସ୍ତଙ୍କର ପ୍ରଥମ ପସନ୍ଦ ଥିଲା। ଏବେ ସମାଜରେ ମୋଟର ସାଇକେଲର ଚାହିଦା ଅହେତୁକ ଭାବେ ବୃଦ୍ଧି ପାଇଥିଲେ ମଧ୍ୟ ସାଇକେଲର ଆଦର କମିନାହିଁ। ବିଶ୍ୱରେ ଏମିତି ଅନେକ ଦେଶ ଅଛି ଯେଉଁଠି ସାଇକେଲର ବହୁଳ ବ୍ୟବହାର ହେଉଛି। ବିଶେଷ କରି ନେଦରଲାଣ୍ଡରେ ବହୁ ସଂଖ୍ୟାରେ ଲୋକମାନେ ସାଇକେଲ ବ୍ୟବହାର କରିଥାନ୍ତି।

***Desk***

## ଅଂଶୁଘାତ ମୃତ୍ୟୁ

ଚଳିତ ଗ୍ରୀଷ୍ମ ଋତୁରେ ଏପ୍ରିଲ ମାସରୁ ଗତକାଲି ସୁଦ୍ଧା ୨୬ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର କହିଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଜଣ ରାଉରକେଲାରୁ ହୋଇଥିବା ସୂଚନା ମିଳିଛି। ରାଜ୍ୟରେ ଅଂଶୁଘାତରେ ୧୪୧ ଜଣଙ୍କ ମୃତ୍ୟୁ ହୋଇଥିବା ଜିଲ୍ଲାପାଳମାନେ ରିପୋର୍ଟ କରିଥିଲେ। ସେମାନଙ୍କ ମଧ୍ୟରୁ ୩୪ ଜଣଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ୨୬ ଜଣଙ୍କର ଅଂଶୁଘାତରେ ଏବଂ ୮ ଜଣଙ୍କର ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ହସ୍‌ପିଟାଲ ଆସିବା ପୂର୍ବରୁ କେତେ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଯୁଗ୍ମ ତଦନ୍ତ ଚାଲିଥିବା ସେ କହିଛନ୍ତି।

# ପାଣିପାଗ

ରାଜ୍ୟରେ ଆହୁରି ୪୮ ଘଣ୍ଟା ଗ୍ରୀଷ୍ମପ୍ରବାହ ଜାରି ରହିବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ଦୁଇ ଦିନ ବଲାଙ୍ଗୀର ଓ ବରଗଡ଼ରେ ଭୀଷଣ ଗ୍ରୀଷ୍ମ ପ୍ରବାହ ନେଇ ସତର୍କତା ଜାରି କରାଯାଇଛି । ରାଜ୍ୟର ଅନେକ ଅଞ୍ଚଳରେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଗୁଳୁଗୁଳି ଜାରି ରହିବ । ଗତକାଲି ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଯାଇଛି । କଟକ ଜିଲ୍ଲାର ମାହାଙ୍ଗାରେ ସର୍ବାଧିକ ୧୪୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଫଳରେ ଦିନ ତାପମାତ୍ରାରେ ସାମାନ୍ୟ ହ୍ରାସ ପାଇଛି । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ କାଳବୈଶାଖୀ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଗତକାଲି ଟିଟିଲାଗଡ଼ରେ ସର୍ବାଧିକ ଦିନ ତାପମାତ୍ରା ୪୨ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଗତକାଲି କାଳବୈଶାଖୀ ପ୍ରଭାବରେ ଗଜପତି ଜିଲ୍ଲାରେ ବଡ଼ ବଡ଼ ଗଛ ଓ ବିଦ୍ୟୁତଖୁଣ୍ଟ ଭାଙ୍ଗିପଡ଼ିବା ଫଳରେ ଯାତାୟତ ପ୍ରଭାବିତ ହେବା ସହ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା । ଅନୁଗୁଳ ଜିଲ୍ଲାରେ ମଧ କାଳବୈଶାଖୀ ବର୍ଷା ଯୋଗୁଁ ଗଛ ଉପୁଡ଼ି ପଡ଼ିବା ସହ ତଳିଆ ଅଞ୍ଚଳରେ ପାଣି ଜମିଥିଲା ।

**********************************